ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ନାରୀ

ରାମାୟଣ ସମୟରେ ସମାଜରେ ନାରୀର ଯେଉଁ ସ୍ଥିତିଥିଲା ତାହା ମହାଭାରତ ସମୟରେ ଆହୁରି କଦର୍ଯ୍ୟ ହେଇଗଲା । ଧର୍ମରାଜ ଯୁଧିଷ୍ଠିର ନିଜ ପତ୍ନୀ ଦ୍ରୌପଦୀଙ୍କୁ ଦ୍ୟୁତି ଖେଳରେ ବାଜି ଲଗାଇ ଦେଲେ । ନାରୀର ଅସ୍ତିତ୍ୱ ଭୂଲୁଣ୍ଠିତ ହେଇଗଲା । ସେ ହେଉ ପୁରାଣ ଯୁଗ, ଐତିହାସିକ ବା କଳିଯୁଗ । ପୁରାଣ ମାନଙ୍କରେ ତ ଦେବତା ରାକ୍ଷସ ସମସ୍ତେ ଏକାଧିକ ପତ୍ନୀ ଗ୍ରହଣ କରିବାର ପରମ୍ପରା ଥିଲା । ରାକ୍ଷସମାନେ ତ ଯିଏ ଭଲ ଲାଗୁଥିଲା ତାକୁ ଜବରଦସ୍ତ ଆଣି ପତ୍ନୀ ରୂପେ ବା ରକ୍ଷିତା ରୂପେ ରଖୁଥିଲେ । ଐତିହାସିକ ଯୁଗରେ ମଧ୍ୟ ରାଜା ମହାରାଜା ମାନେ ରାଜ୍ୟ ଜୟ କଲେ ସେଇ ରାଜ୍ୟର ରାଜକନ୍ୟାଙ୍କୁ ମଧ୍ୟ ବିବାହ କରୁଥିଲେ । ଏକାଧିକ ପତ୍ନୀ ରଖିବା ତାଙ୍କ ସଉକ ଥିଲା । ତା'ସହ ଯେଉଁ ଜାଗାକୁ ପାରିଧିରେ ଯାଉଥିଲେ ସେଠାରେ ମଧ୍ୟ ସୁନ୍ଦରୀ ନାରୀ ମାନଙ୍କୁ ନିଜର ମନୋରଞ୍ଜନ ପାଇଁ ରକ୍ଷିତା କରି ରଖୁଥିଲେ । ସେଇ ଅବୈଧସମ୍ପର୍କରୁ ସୃଷ୍ଟି ସନ୍ତାନ ମାନେ ପିତୃ ପରିଚୟରୁ ବଂଚିତ ହୋଇ "ଜାରଜ"ର ପରିଚୟ ନେଇ ସମାଜରେ ଅତି ଦୟନୀୟ ଏବଂ ସାମାଜିକ ସମ୍ମାନହୀନ ଜୀବନଯାପନ କରୁଥିଲେ । ଜଣେ କ୍ଷମତାଶାଳୀ ବ୍ୟକ୍ତିର ମନୋରଞ୍ଜନରୁ ସୃଷ୍ଟି ଏଇ ସନ୍ତାନଟି ଉପହସିତ ଜୀବନ ବିତାଉଥିଲା ଏବଂ ବାଧ୍ୟ ହୋଇ ଅନ୍ୟ ଭୁଲର ଦଣ୍ଡ ଭୋଗୁଥିଲା । ଅନେକ ସ୍ଥାନରେ ଏଇ ସନ୍ତାନମାନେ ସମାଜରେ ଉପହସିତ ହେଲାପରେ ବଂଚିବାର ଉପଯୁକ୍ତ ପରିବେଶ ଅଭାବରୁ ଅପରାଧ କରିବାକୁ ବାଧ୍ୟ ହେଉଥିଲେ ଏବଂ ବଡ଼କାର ପଡ଼ିଲେ ତାଙ୍କ ସୃଷ୍ଟିର ସେଇ ଅନାଶିଷଟିର ସନ୍ଧାନ ପାଇଲେ ତାକୁ ଏବଂ ତା'ର ଥିବା ପିଲାମାନଙ୍କୁ ହଇରାଣ ହରକତ କରିବାକୁ ପଛାଉ ନ ଥିଲେ । ଏହା ତାଙ୍କର ଦୋଷ କଦାପି ନୁହେଁ । କିନ୍ତୁ ନାରୀ ଯୁଗେ ଯୁଗେ ଧରିତ୍ରୀ ପରି ସବୁ ସହିଛି । ପୁରୁଷ ସମାଜକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ବେଳେ, ନାରୀ ସର୍ବଦା ତାକୁ ରକ୍ଷା କରିବାକୁ ଚେଷ୍ଟା କରିଛି । କେଉଁଠି ନାରୀ ବିନାଶର କାରଣ ହୋଇନି ବରଂ ସବୁ ବିନାଶର କାରଣ ପୁରୁଷ ହୋଇଛି । ନାରୀର ଦେହ ପାଇଁ କ୍ଷମତା ପାଇଁ ଧନ ପାଇଁ ସର୍ବଦା ପୁରୁଷ ଭୁଲ୍ ବାଟରେ ଯାଇ ଅଧର୍ମ ଆଚରଣ କରି ରାକ୍ଷସ ପାଲଟିଛି । ଆଉ ନାରୀ ତାକୁ ଠିକ୍ ବାଟକୁ ଆଣିବାକୁ ନିଜକୁ ତିଳ ତିଳ ଦଗ୍ଧ କରିଛି । ମା' ହେଉ ପତ୍ନୀ ହେଉ ଭଗ୍ନୀ ହେଉ ବା କନ୍ୟା ହେଉ, ଘରର ପୁରୁଷ ବିପଥଗାମୀ ହେଲେ ଏମାନେ ସର୍ବଦା ବିରୋଧ କରନ୍ତି ଏବଂ ସେହି ବ୍ୟକ୍ତି ଦ୍ୱାରା ନିର୍ଯ୍ୟାତିତ ମଧ୍ୟ ହୁଅନ୍ତି ଏକଥା କାହାକୁ ଅଜଣା ନାହିଁ । ନାରୀଟିଏ ତ ସର୍ବଦା ନିଜେ ନ ଖାଇ ଅନ୍ୟ ମାନଙ୍କୁ ଖୁଆଏ । ନିଜେ ଅସୁବିଧାରେ ରହି ଅନ୍ୟମାନଙ୍କ ପାଇଁ ସୁବିଧା ତିଆରି କରେ । ସେ ନାରୀ ସ୍ନେହମୟୀ, ମମତାମୟୀ, କଲ୍ୟାଣକାରୀ, ପାଳନକାରୀ, ଯାହାର ଅମୃତମୟ ସ୍ପର୍ଶରେ ଶୁଷ୍କତରୁ ମଧ୍ୟ ପଲ୍ଲବୀତ ହୋଇ ଉଠେ । ତା'ର କର ସ୍ପର୍ଶରେ ମୁମୂର୍ଷୁ ଜୀବନ ଲାଭ କରେ । ନାରୀଟିଏ ତା'ର ସନ୍ତାନକୁ ୧୦ ମାସ ଗର୍ଭରେ ପାଳନ କରେ । ପ୍ରସବ ସମୟରେ ଜୀବନ ସହ ସଂଗ୍ରାମ କରି ସେ ତା'ର ସନ୍ତାନକୁ ଜନ୍ମ ଦିଏ । ସନ୍ତାନର ଜନ୍ମ ସହ ମା'ଟିର ମଧ୍ୟ ପୁନର୍ଜନ୍ମ ଲାଭ ହେଇଥାଏ । ପୁଣି ପିଲାଟିର ଲାଳନପାଳନରେ ସେ ନିଜକୁ ଭୁଲିଯାଏ ସବୁବେଳେ । ସେବା ଯତ୍ନରେ ପିଲାଟି ବଡ଼ ହୋଇଗଲେ ବୁଝିପାରେନି ମା'ର ତ୍ୟାଗ ଓ ସେବାର ପରାକାଷ୍ଠାକୁ । ନାରୀ ସର୍ବଦା ତା' ସୃଷ୍ଟିରେ ନିମଗ୍ନ ଥାଏ, ସେ ହେଉ ସନ୍ତାନ ସୃଷ୍ଟି, ପରିବାରର ଯତ୍ନ, ସମାଜର ମଙ୍ଗଳ କାମନା ବା ରାଜନୀତି । ସବୁ କ୍ଷେତ୍ରରେ ଯୁଗେ ଯୁଗେ ନାରୀ ତା'ର ପରାକାଷ୍ଠା ଦେଖାଇ ସମାଜକୁ ପୁରୁଷକୁ ସୁରକ୍ଷା ଦେଇଥିବାବେଳେ, କଥା କଥାରେ ପୁରୁଷ କହେ ନାରୀର ସୁରକ୍ଷା କରେ ପୁରୁଷ, ମାତ୍ର ନାରୀର ଧ୍ୱଂସର କାରଣ ହିଁ ପୁରୁଷ ପାଲଟି ଥାଏ ସବୁକ୍ଷେତ୍ରରେ । ନାରୀ ନିର୍ଯାତନା, ନାରୀ ଧର୍ଷଣ, ନାରୀହତ୍ୟା ସବୁ ତ ପୁରୁଷ କରେ, ତେବେ ସେ ସୁରକ୍ଷା ଦିଏ କିପରି ? ଆଜି ନାରୀ ତଥାପି ନିଜର ସମ୍ମାନ ଓ ସୁରକ୍ଷାସହ ସମାଜ ଆଉ ସଂସାରର ସୁରକ୍ଷାପାଇଁ ସଦା ତତ୍ପର । ଯେ କୌଣସି କ୍ଷେତ୍ରରେ ଆଜି ନାରୀ ଅଗ୍ରଣୀ ଭୂମିକା ସୂଚାରୁ ରୂପେ ତୁଲାଇ ତା'ର ତ୍ୟାଗର ମହାନତା ପ୍ରଦର୍ଶନ କରୁଛି । ସେମିତି ସାହିତ୍ୟରେ ମଧ୍ୟ । ସାହିତ୍ୟ ଆମ ସମାଜର, ସଂସ୍କୃତିର ମାନଦଣ୍ଡ । ସମାଜର ଦର୍ପଣ ପ୍ରତିଫଳିତ ହୁଏ ସାହିତ୍ୟରେ । ସେଇ ସାହିତ୍ୟରେ ନାରୀ ଏବେ ସୁଦୂରପ୍ରସାରୀ ପ୍ରଚେଷ୍ଟାରେ ଅବିରତ କାର୍ଯ୍ୟରତ । ଲେଖିବାସହ ଅନେକ ପତ୍ରପତ୍ରିକାର ସମ୍ପାଦନା, ପ୍ରକାଶନ, ସାହିତ୍ୟର ପ୍ରଚାର ପ୍ରସାର ଓ ଭାଷା ସୁରକ୍ଷା ଦିଗରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଜି ଅନେକ ସାହିତ୍ୟ ପତ୍ରିକା କେବଳ ନାରୀମାନଙ୍କ ତତ୍ତ୍ୱାବଧାନରେ ପ୍ରକାଶ ପାଉଛି । ନାରୀଟିଏ ତା'ର ପତ୍ରିକାକୁ ନିଜର ସନ୍ତାନ ପରି ଲାଳନ ପାଳନ କରି ସମାଜରେ ତା'ର ଏକ ପରିଚୟ ସୃଷ୍ଟି କରାଉଛି । କୌଣସି ସ୍ଥିତିରେ ମଧ୍ୟ ପତ୍ରିକା ପ୍ରକାଶନ ଓ ଲେଖନ କାର୍ଯ୍ୟରେ, ସମାବେଶ ଆୟୋଜନରେ ପଛରେ ନାହିଁ ।

# ସନାତନ ଧର୍ମ ଓ ଏହାର ସ୍ୱରୂପ

### ।। ଗୋପାଳ ମହାପାତ୍ର ।।

ସନାତନ ଧର୍ମକୁ ନେଇ ଏବେ ଅନେକ ବିମର୍ଷ ଚାଲିଛି । ପ୍ରକୃତରେ ସନାତନ ସଂସ୍କୃତି ନା ସନାତନ ଧର୍ମ ସେ ବାବଦରେ ତର୍ଜମା କରାଯିବାର ମଧ୍ୟ ଆବଶ୍ୟକତା ରହିଛି । ଏ ପ୍ରସଙ୍ଗରେ ଶ୍ରୀମଦ୍ ଭଗବଦ୍‌ଗୀତା ଏବଂ ମହାଭାରତ ଭଳି ଗ୍ରନ୍ଥ ମାନଙ୍କରେ କ'ଣ ଉଲ୍ଲେଖ ରହିଛି ସେ ବାବଦରେ ଜାଣିବାର ଆବଶ୍ୟକତା ରହିଛି । ଶ୍ରୀମଦ୍ ଭଗବଦ୍‌ଗୀତାର ପ୍ରଥମ ଅଧ୍ୟାୟର ୩୯ତମ ଶ୍ଳୋକରେ ଉଲ୍ଲେଖ କରାଯାଇଛି - 'କୁଳ କ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।' ଏହାର ଅର୍ଥର ହେଉଛି କୁଳର ନାଶ ହେଲେ ସନାତନ ବଂଶ ପରମ୍ପରା ନାଶ ହୋଇଯିବ । ଫଳତଃ ସନାତନ ଧର୍ମର ମଧ୍ୟ ବିନାଶ ଘଟିବ । 'ଗୀତା'ର ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି - ହେ ଅର୍ଜୁନ 'ଅବିନାଶି ତୁ ତଦ୍‌ବିଦ୍ଧି ଯେନ ସର୍ବମିଦଂ ତତମ୍' ( ଗୀତାର ୨ୟ ଅଧ୍ୟାୟଶ୍ଳୋକ ୧୭) ଏହାର ଅର୍ଥ ହେଉଛି ଯାହା ସଂପୂର୍ଣ୍ଣ ଶରୀରରେ ବ୍ୟାପ୍ତ ହୋଇ ରହିଛି ତାହା ଅବିନାଶୀ ଅଟେ ଓ ଏହା ଆତ୍ମା ଅଟେ । ସେହି ଦ୍ୱିତୀୟ ଅଧ୍ୟାୟରେ ଶ୍ଳୋକ ୧୬ରେ 'ନାଭାବୋ ବିଦ୍ୟତେ ସତଃ ଉଲ୍ଲେଖ ଅଛି । ସେହି ସତ୍‌ର ଅଭାବ କେଉଁଠି ନାହିଁ ଅର୍ଥାତ୍ ସେହି ସତ୍ ସବୁଠି ବିଦ୍ୟମାନ । ତାକୁ ଅଗ୍ନି ଜଳାଇ ପାରିବ ନାହିଁ । ସେହି ୨ୟ ଅଧ୍ୟାୟରେ ୨୪ ତମ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି 'ନିତ୍ୟ ସର୍ବଗତଃ ସ୍ଥାଣୁର୍ ଚଳୋଽୟଂ ସନାତନଃ ।ତୁ ସେହି ହିଁ ନିତ୍ୟ ଓ ସର୍ବବ୍ୟାପି ଅଟେ । ତାହା ସ୍ଥିର ଅଟେ ଓ ଏକମାତ୍ର ସନାତନ ଅଟେ ।

ଗୀତା ଅନେକ ଲୋକ ପଢନ୍ତି ବୁଝନ୍ତି କିନ୍ତୁ କିଛି ଲୋକ ଏହାକୁ ବୁଝି ପାରନ୍ତି ନାହିଁ । ଗୀତାରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆତ୍ମା ହେଉଛି ସନାତନ ଯାହାକୁ ପରମାତ୍ମା ସ୍ୱରୂପ ବୋଲି କୁହାଯାଇଛି । ଯିଏ ପରମାତ୍ମାଙ୍କ ପ୍ରତି ସଚେତ ସେ ହିଁ ସନାତନ ଧର୍ମର ପାଳନ କରିଥାଏ । ସନାତନ ଧର୍ମର ଲକ୍ଷ୍ୟହେଉଛି ମୋକ୍ଷ । ଏହି ମୋକ୍ଷ ପ୍ରାପ୍ତି ପାଇଁ ହୃଦୟରେ ସ୍ଥିତ ସେଇ ସତ୍ୟ ସ୍ୱରୂପ ପରମାତ୍ମାରେ ଲୀନ ହେବା ଆବଶ୍ୟକ । ଏହାକୁ ଆତ୍ମ ନିୟନ୍ତ୍ରଣ ଦ୍ୱାରା ପ୍ରାପ୍ତ କରିହୁଏ । କୌଣସି ବାହାର ସଂସାରରେ ନୁହେଁ ନିଜ ଭିତରେ ସନାତନ ପରମାତ୍ମାଙ୍କୁ ଖୋଜିବା ଆବଶ୍ୟକ । ସନାତନ ସତ୍ୟ ପାଇଁ ଯେଉଁ ଧର୍ମ ପ୍ରେରିତ କରିଥାଏ ତାହା ହେଉଛି ସନାତନ ଧର୍ମ । ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ ସନାତନ ଧର୍ମ ସେଇ ମୂଲ୍ୟକୁ ଇଙ୍ଗିତ କରିଥାଏ ଯାହା ଅପରିବର୍ତ୍ତନୀୟ ଅଟେ ଆତ୍ମା, ବ୍ରହ୍ମ, ପ୍ରକୃତିର ମୂଳତତ୍ୱ ଓ ମୋକ୍ଷ । ଏସବୁ ସଦା ସତ୍ୟ ଅଟେ । ଏସବୁ ତତ୍ୱକୁ ଆପଣେଇ ଏହି ଅନୁସାରେ ଆଚରଣ ବ୍ୟବହାରକୁ ବ୍ୟବସ୍ଥିତ କରିବାକୁ ସନାତନ ଧର୍ମ ଶିକ୍ଷା ଦେଇଥାଏ ।

ଏସବୁ ସତ୍ୟର ଜ୍ଞାନ ପାଇଁ ଅନେକ ମହାପୁରୁଷ ଭିନ୍ନ ଭିନ୍ନ ବାଟ ବତାଇଛନ୍ତି । ଋଗ୍‌ବେଦରେ କୁହାଯାଇଛି - 'ଏକ୍ ସଦ୍‌ବିପ୍ରାବହୁଧା ବଦନ୍ତି' ଅର୍ଥାତ୍ ଏକ୍ ହିଁ ସତ୍ୟ କୁ ବିଜ୍ଞ ପୁରୁଷ ମାନେ ଭିନ୍ନଭିନ୍ନ ଭାବରେ ବ୍ୟାଖ୍ୟା କରିଛନ୍ତି କିନ୍ତୁ ସତ୍ୟ ସର୍ବଦା ଏକ୍ ରହିଛି । ଏକଥା ମହାଭାରତ ଗ୍ରନ୍ଥରେ ମଧ୍ୟ କୁହାଯାଇଛି । ମହାଭାରତର ବନପର୍ବ ଆରଣ୍ୟେୟ ପର୍ବରେ ଏ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି । ଧର୍ମର ତତ୍ୱ ଗୂଢ ଏଣୁ ମହାପୁରୁଷ ମାନେ ଯେଉଁ ମାର୍ଗ ଦେଖାଇଛନ୍ତି ତାକୁ ଅନୁସରଣ କରିବା ଉଚିତ୍ । ମହାପୁରୁଷ ମାନେ ଭିନ୍ନଭିନ୍ନ ବ୍ୟାଖ୍ୟା କରିଥିବା କାରଣରୁ ସନାତନ ଧର୍ମରେ ଅନେକ ମତର ସମାବେଶ ଦେଖିବାକୁ ମିଳିଥାଏ । ମହାଭାରତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧର୍ମର ସ୍ୱରୂପ ବାବଦରେ ବୁଝାଇ କହିଛନ୍ତି ଯେ କେତେକ ଧର୍ମକୁ ତର୍କ ଦ୍ୱାରା ଜାଣିବା ପାଇଁ ପ୍ରୟାସ କରିଥାନ୍ତି ତ ଆଉ କେତେକ ବେଦ ମାନଙ୍କରେ (୪ବେଦ) ଧର୍ମକୁ ଖୋଜିଥାନ୍ତି । କିନ୍ତୁ ବିଜ୍ଞ ମହାପୁରୁଷ ମାନେ ଏକ୍ ବା ଗୋଟିଏ ଧର୍ମର ବାସ୍ତବିକ୍ ସ୍ୱରୂପ କଥା କହିଥାନ୍ତି ।

ମହାଭାରତର କର୍ଣ୍ଣପର୍ବରେ ଉଲ୍ଲେଖ ରହିଛି 'ଯତ୍ ସ୍ୟାଦ୍ ହିଂସା ସଂଯୁକ୍ତ ସ ଧର୍ମଇତି ନିଶ୍ଚୟଃ ।' (ଯତ୍ ସ୍ୟାତ୍ ଅହିଂସା ଯୁକ୍ତ ସ ଧମ; ଇତି ନିଶ୍ଚୟଃ) ଅର୍ଥାତ୍ ଅହିଂସା ହିଁ ପରମ ଧର୍ମ । ଯେଉଁ ପ୍ରାଣୀର ମନ ବଚନ କର୍ମରେ ହିଂସା ନଥାଏ ସେ ହିଁ ବାସ୍ତବିକ୍ ସନାତନ ଧର୍ମୀ । ଶ୍ରୀମଦ୍ ଭାଗବତ୍ ମହାପୁରାଣରେ ଧର୍ମର କିଛି ଲକ୍ଷଣ ବାବଦରେ ବର୍ଣ୍ଣନା କରାଯାଇଛି । ବର୍ଣ୍ଣନା ଅନୁସାରେ ସତ୍ୟ, ଦୟା, ତପସ୍ୟା, ଶୌଚ, ମନର ସଂଯମ, ଅହିଂସା, ବ୍ରହ୍ମଚର୍ଯ୍ୟ ପାଳନ, ତ୍ୟାଗ, ସ୍ୱାଧ୍ୟାୟ, ସନ୍ତୋଷ, ସେବା, ସମଦର୍ଶୀ, କ୍ଷମା ଉଚିତ୍ ଅନୁଚିତର ଜ୍ଞାନ ହେଉଛି ଧର୍ମର ଲକ୍ଷଣ । ସେଇ ଶ୍ରୀମଦ୍ ଭାଗବଦ୍ ମହାପୁରାଣରେ ଉଲ୍ଲେଖ ଅଛି ଯେ ଏସବୁ ଲକ୍ଷଣକୁ ଆଚରଣରେ ପରିଲକ୍ଷିତ କରିପାରିଲେ ଧର୍ମ ପ୍ରତିଷ୍ଠିତ ହୋଇଥାଏ । ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ଅଛି :- 'ସନ୍ତୋଷ ମୂଳତ୍ୟାଗାତ୍ମା ଜ୍ଞାନାଧିଷ୍ଠା ନ ମୁଚ୍ୟତେ । ଅପବର୍ଗମତି ନିତ୍ୟୋ ଯାତିଧର୍ମଃ ସନାତନଃ ।' ଯେଉଁଠି ସନ୍ତୋଷ ରହିଛି, ତ୍ୟାଗ ରହିଛି, ଜ୍ଞାନଦାୟୀନୀ ବୁଦ୍ଧି ରହିଛି, ବ୍ରହ୍ମ ସାକ୍ଷାତ୍‌କାର ପାଇଁ ଇଚ୍ଛା ରହିଛି ତାହା ହିଁ ସନାତନ ଧର୍ମ ।

ଶ୍ରୀମଦ୍ ଭଗବଦ୍ ମହାପୁରାଣ, ମହାଭାରତ ଆଦି ଗ୍ରନ୍ଥରେ ସନାତନ ଧର୍ମ ବାବଦରେ ଏସବୁ କଥା ଉଲ୍ଲେଖ ରହିଛି । ଏସବୁ ମହାପୁରାଣକୁ ଆମ ହିନ୍ଦୁ ସଂସ୍କୃତି ର ଲୋକମାନେ ଧର୍ମଗ୍ରନ୍ଥ ଭାବେ ଗ୍ରହଣ କରୁଛନ୍ତି । ଧର୍ମଗ୍ରନ୍ଥ, ଗୀତା ଓ ପୁରାଣ ପାଠ କରାଯାଉଛି । ଶ୍ରୋତା କହୁଛନ୍ତି ବକ୍ତା ଶୁଣୁଛନ୍ତି କିନ୍ତୁ ସନାତନୀ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣ ସବୁକୁ କେତେଜଣ ନିଜ ନିଜ ଆଚରଣରେ ପରିଲକ୍ଷିତ କରାଉଛନ୍ତି ? ଯଦି ଆମେ ଧର୍ମଗ୍ରନ୍ଥରେ ଉଲ୍ଲେଖ କଥାକୁ ଆଚରଣରେ ପରିଲକ୍ଷିତ କରାଇ ପାରିବା ନାହିଁ ତେବେ ଆମେ ନିଜକୁ ସନାତନୀ କହିବା କାହିଁକି ? ବେଦ ପୁରାଣ କ'ଣ ଖାଲି ଶୁଣିବା ପାଇଁ ନା ବେଦ ପୁରାଣ ପଢୁଥିବା ଲୋକକୁ ସନାତନୀ କହିବା ? ନିଜକୁ ସନାତନ ଧର୍ମୀ କହିବା ପୂର୍ବରୁ ବେଦ ପୁରାଣରେ ସନାତନ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣକୁ ବୁଝିବା ଓ ନିଜେ ଅନୁସରଣ କରିବା ଆବଶ୍ୟକ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ:-୯୪୩୮୪୮୫୦୯୪*

# ବିନମ୍ରତାର କର୍ମଯୋଗୀ ଓ ଜଣେ ମସଲା ମଣିଷ 'ଶରତ ବାବୁ'

### ।। ଇନ୍ଦୁ ଭୂଷଣ ଭୂୟାଁ (ବାଦଲ) ।।

କୁହାଯାଏ ଯେ କେହି ବି ସ୍ୱପ୍ନ ଦେଖିପାରେ, ଛୋଟ ହେଉ ବା ଲମ୍ବା । ଶୀତତାପ ନିୟନ୍ତ୍ରିତ କୋଠରୀ ହେଉ ବା କୁଡ଼ିଆ । କିନ୍ତୁ ମନକୁ ଓ ହୃଦୟକୁ ଦୃଢ଼ କରି ସ୍ୱପ୍ନକୁ ପରିପୂରଣ ପାଇଁ ଯେଉଁ ମଣିଷ ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିପାରିଥାଏ ସେମାନେ ବାସ୍ତବରେ ସଫଳ ସ୍ୱପ୍ନଦ୍ରଷ୍ଟା କହିଲେ ଅତ୍ୟୁକ୍ତି ହେବନାହିଁ । ଅଧ୍ୟବସାୟ, କଠୋର ପରିଶ୍ରମ, ବନ୍ଧୁବତ୍ସଳତା ଏହି ସବୁ ହିଁ ଥିଲା ମସଲା ମଣିଷ, ମସଲା ସମ୍ରାଟ ସଫଳ ଉଦ୍ୟୋଗୀ ଶରତ ବାବୁଙ୍କ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ପରିଚୟ । ତାଙ୍କ କଥାବାର୍ତ୍ତାରେ ତିଳେ ମାତ୍ର ଅହଂକାର ନଥାଏ କିନ୍ତୁ ଜଣେ ମରମୀ ମଣିଷ । ଆଜି ଓଡ଼ିଶାର ଏହି ରତ୍ନ କମ୍ପାନୀ ପୃଥିବୀର କୋଣ ଅନୁକୋଣରେ ପହଂଚି ପାରିଛି । ଏ ସବୁ ଭିତରେ ରୁଚି ଉଦ୍ୟୋଗ ସମାଜ ସେବାକୁ ମଧ୍ୟ ଭୁଲି ନାହିଁ । ତାଙ୍କର ବଡ଼ ଆଦର୍ଶଟି ହେଉଛି ଅନୁଷ୍ଠାନ ଯେତେ ସଫଳତା ଯେତେ ଲୋକପ୍ରିୟତା ବା ପ୍ରଶଂସା ପାଉ ନା କାହିଁକି ମଣିଷଙ୍କ ସହ ସୁଖଦୁଃଖରେ ଭାଗୀଦାର ହେଉଥିବା ମଣିଷ ହିଁ ବାସ୍ତବରେ ଜଣେ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶା ଠାରୁ କିଛି ଦୂରରେ ରହୁଥିଲେ ମଧ୍ୟ ମୁଁ ଯେତିକି ଶୁଣିଛି ଶରତ ବାବୁ ଜଣେ ବଦାନ୍ୟ ଓ ମହାନୁଭବତାର ମଣିଷ । ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ଆର୍ଥିକ ବା ଅନ୍ୟାନ୍ୟ କ୍ଷେତ୍ରରେ ଖୋଲା ହୃଦୟରେ ପୃଷ୍ଠପୋଷକତା କରିଛନ୍ତି । ତାଙ୍କ ଅନୁଷ୍ଠାନର ଗଣମାଧ୍ୟମ ପ୍ରମୁଖ ମହାପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ହେଉଛନ୍ତି ମୋର ଜଣେ ବନ୍ଧୁ । ମୁଁ ତାଙ୍କ ବିଷୟରେ ଏକ ଆଶ୍ଚର୍ଯ୍ୟକର କଥା ମଧ୍ୟ ଶୁଣିଥିଲି ତାହା ହେଉଛି ଯେଉଁ କମ୍ପାନୀର, ଅନୁଷ୍ଠାନ, ସେ ପ୍ରତିଷ୍ଠାତା ତାଙ୍କର ନିଜର କୌଣସି କୋଠରୀ ନାହିଁ । ବଡ଼ ଆଶ୍ଚର୍ଯ୍ୟର କଥା ନୁହଁ କି ? ସେ ନିଜେ ବୁଲି ବୁଲି ବିଭାଗର ପ୍ରତ୍ୟେକ ସ୍ଥାନକୁ ଦେଖି, କଥାବାର୍ତ୍ତା ହିଁ ହୁଅନ୍ତି । କ୍ରୋଧଜର୍ଜରିତ ଅବସ୍ଥାରେ ତାଙ୍କୁ କ୍ୱଚିତ କେହି କେବେ ଦେଖିଥିବ ।

ଶରତ ବାବୁଙ୍କର ପ୍ରମୁଖ ଗୁଣଗୁଡ଼ିକ ଯାହା ଜାଣେ ସେ ଜଣେ ସମୟାନୁବର୍ତ୍ତୀ ମଣିଷ । କର୍ତ୍ତବ୍ୟପରାୟଣତା, ସତ୍ୟବାଦୀତା ଓ କର୍ମଦକ୍ଷତା ଗୁଣକୁ ତାଙ୍କ ସହକର୍ମୀଙ୍କ ପାଇଁ ପ୍ରେରଣା ଦେଇଥାନ୍ତି । ଅନେକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରୁଚି ଉଦ୍ୟୋଗ ଓଡ଼ିଶାର ଅନେକ ସ୍ଥାନରେ ସହଯୋଗର ହାତ ବଢ଼ାଇଥାଏ । ମୁଁ ଥରେ ଖବରକାଗଜରୁ ପଢ଼ିବାରୁ ଜାଣିଥିଲି ବୋଧେ ମହାବାତ୍ୟା ସମୟର କଥା । ନିଜେ ରୁଚି କମ୍ପାନୀର ଅଭାବନୀୟ କ୍ଷତି ହୋଇଥାଏ । କିନ୍ତୁ ବାତ୍ୟାର ପ୍ରକୋପ ପରେ ଶରତ ବାବୁ କେବଳ ସଂକ୍ଷିପ୍ତ କଥାଟି ନିର୍ଦ୍ଦେଶ ଭାବରେ ଦେଇଥିଲେ ଯେ ଆମ ଗୋଦାମରେ ଥିବା ଯେଉଁ ଯେଉଁ ସାମଗ୍ରୀ ସବୁ ରହିଛି କମ୍ପାନୀର କର୍ମଚାରୀ ମାନଙ୍କୁ ପ୍ରଦାନ କରି ସେମାନେ ଚାହୁଁଥିଲେ ସେମାନଙ୍କ ଘର ପାଖକୁ ନିବାର ବ୍ୟବସ୍ଥା ବି କରିଦିଅ । ବାସ୍ତବରେ କେତେବଡ଼ ହୃଦୟର କଥା । ମୋ କାନରେ ଥରେ ପଡ଼ିଥିଲା ଗୋଟିଏ କଥାଟିଏ । ତାଙ୍କ କମ୍ପାନୀର ଯେ କେହି କର୍ମଚାରୀଙ୍କର କୌଣସି ଭଲ ମନ୍ଦ ହେଲେ ସେ ନିଶ୍ଚିନ୍ତ ସାହାଯ୍ୟ କରନ୍ତି । ବାସ୍ତବରେ ଏପରି ଜଣେ ହୃଦୟବାନ ମଣିଷଙ୍କୁ ଆମେ ଭାବୁ ସେମାନେ ସ୍ଫଟିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର ବ୍ୟକ୍ତିତ୍ୱ । ତାଙ୍କ ଇଷ୍ଟଦେବ ଥିଲେ ଲକ୍ଷେଶ୍ୱର ମହାଦେବ । ଶ୍ରୀଜଗନ୍ନାଥଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଥିବା ଶରତ ବାବୁ ଜୀବନରେ ଅନେକ ଘାତପ୍ରତିଘାତକୁ ଡେଇଁ ରୁଚି ପ୍ରତିଷ୍ଠାନକୁ ବିଶ୍ୱ ଦରବାରରେ ସୁରକ୍ଷିତ କରିଛନ୍ତି । ଭଲ ମଣିଷ ହେବା ପାଇଁ ଜୀବନର ସବୁ ସ୍ତରରେ ସମସ୍ତେ ଭଲ ମଣିଷ ହୋଇପାରନ୍ତି ନାହିଁ । ଆଜି ମୁଁ ଅନେକ ସମୟରେ ଭାବେ ବାସ୍ତବରେ ଶରତ ବାବୁଙ୍କ ପରି ଜଣେ ମଣିଷ ଯଦି ମହାରାଷ୍ଟ୍ର, ଗୁଜୁରାଟ, ପଶ୍ଚିମବଙ୍ଗ ପରି ବ୍ୟବସାୟ ସମ୍ପନ୍ନ ରାଜ୍ୟରେ ଜନ୍ମ ହୋଇଥାନ୍ତେ ସେ ଜଣେ ଟାଟା ବିର୍ଲାଙ୍କ ପରି ସମ୍ଭବତଃ ପ୍ରସିଦ୍ଧ ହୋଇପାରିଥାନ୍ତେ । ସଫଳତାର ଶୀର୍ଷରେ ପହଂଚି ମଧ୍ୟ ନିଜ ମାତୃଭୂମିର ଗୌରବ ବଢ଼ାଇ ଦୁଃଖିରଙ୍କୀଙ୍କ ସେବାରେ ନିଜ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏକ ଜୀବନର ବ୍ରତ ଭାବେ ଜୀବନ ନିର୍ବାହ କରିଥିବା ଶରତ ବାବୁଙ୍କ ପାଇଁ ଉପନିଷଦର ସେହି ବାଣୀଟି ଯଥାର୍ଥ ମନେହୁଏ - 'ଉଦ୍ୟମେନ ହିଁ ସିଧ୍ୟନ୍ତି କାର୍ଯ୍ୟାଣି ନ ମନୋରଥୈଃ ।'

ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ମସଲା ଶିଳ୍ପରେ ମୋଡ଼ ଆଣି ବିଶ୍ୱ ଦରବାରରେ ଓଡ଼ିଶାର ନାମକୁ ପହଂଚାଇ ପାରିଥିବା ଶରତ ବାବୁଙ୍କ ପରଲୋକ କେବଳ ଓଡ଼ିଶାର ମସଲା ବା ବ୍ୟବସାୟ ଜଗତ ନୁହେଁ ମାନବିକତାର, ଭାଇଚାରାର ଖୋଲା ମନର ମଣିଷ ସମାଜଙ୍କ ପାଇଁ ଜଣେ ଅତି ସୁପରିଚିତ ବ୍ୟକ୍ତିତ୍ୱଙ୍କ ଅଭାବ ଚିରକାଳ ମନେ ହିଁ ରହିବ । ଗୁଣ୍ଡ ମସଲା ଯେ ବିଶ୍ୱ ପ୍ରସିଦ୍ଧ ହୋଇପାରେ ଏବଂ ଘରେ ଘରେ ଆଦର ଶ୍ରଦ୍ଧା ପାଇ ତାଙ୍କୁ ମସଲା ମଣିଷର ପରିଚିତ ଦେଇଥିଲା । ପିଲାଦିନେ ଏକଦା ଶରତ ବାବୁ ରାଣୀହାଟରେ ତାଙ୍କ ବାପାଙ୍କ ମଟନ ଚାମ୍ପ ଦୋକାନରେ ଯେଉଁ ହାତର ଯାଦୁ ଦେଖାଇଥିଲେ ତାହାର ବାସ୍ନା ରୁଚି ପର୍ଯ୍ୟନ୍ତ ପହଂଚିଥିଲା । ରୁଚି ଓଡ଼ିଶାରେ ଏକ ନିଜସ୍ୱ ବ୍ରାଣ୍ଡ ଭାବେ ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ଦେଶରେ ପହଂଚି ବିଶ୍ୱ ପ୍ରସିଦ୍ଧ ହୋଇପାରିଛି । ରୁଚି ପ୍ରତିଭା ଫାଉଣ୍ଡେସନ ଦ୍ୱାରା ପ୍ରତି ବର୍ଷ ସମାଜର ବିଭିନ୍ନ ପ୍ରତିଭାବାନ ଓ ମାଟ୍ରିକ ଟପ୍ପର ଶ୍ରେଷ୍ଠ ବିଦ୍ୟାର୍ଥୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥାଏ । ମୋ ଝିଅ ଅନ୍ୟା ଦାସ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲା । ସର୍ବଭାରତୀୟ ଆଇଏଏସ୍ ପରୀକ୍ଷାରେ ଅନ୍ୟା ଓଡ଼ିଶା ଟପ୍ପର ହୋଇଥିବାରୁ ରୁଚି ପ୍ରତିଭା ଫାଉଣ୍ଡେସନ ତରଫରୁ ଅନ୍ୟା ପାଇଁ ମୁଁ ଓ ସହଧର୍ମିଣୀ ସୀମା ଦାସ ଶରତ ଓ ଅତିଥିବୃନ୍ଦଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିବାର ଅନୁଭୂତି ମନେ ଅଛି । ମସଲା ସମ୍ରାଟ, ମରମି ମଣିଷ, କ୍ରୀଡ଼ାବିତ୍, ସଫଳ ଉଦ୍ୟୋଗୀ, ବିଭିନ୍ନ ପରିଚୟ ଥିଲା ତାଙ୍କ ବ୍ୟକ୍ତିତ୍ୱ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ । ଯେଉଁ ପର୍ଯ୍ୟନ୍ତ ଆମମାନଙ୍କ ଘରେ ଘରେ ରୁଚି ମସଲା ଥିବ ଆମେ ନିଶ୍ଚିତ ଅନୁଭବ କରିବୁ ଯେ ଶରତ ବାବୁଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଏହା ସହିତ ହିଁ ରହିଥିଲା, ରହିଛି ଓ ଚରିକାଳ ହୋଇ ରହିବ ।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି,*
*ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*

# ନୌବାଣିଜ୍ୟରେ ଓଡ଼ିଶା

### ।। ରୀତା ସ୍ୱାଇଁ ।।

ଆ, କା, ମା, ବୈ, ପାନ ଗୁଆ ଥୋଇ,
ପାନ ଗୁଆ ତୋର, ମାସକ ଧରମ ମୋର ।

କାର୍ତ୍ତିକ ପୂନେଇଦିନ ଏହିକଥା କହି ନଈ-ପୋଖରୀରେ ଡଙ୍ଗାଟିଏ ଭସେଇ ଦେଉଦେଉ କଳ୍ପନାରେ ଭାସିଆସେ ଆମ ଅତୀତ ଉତ୍କଳର ନୌବାଣିଜ୍ୟ ପରମ୍ପରା କଥା । ମନେପଡ଼େ ସାଧବପୁଅର ସେହି ଦୁଃସାହସିକ ଗୌରବମୟ ଯାତ୍ରା । ଓଡ଼ିଆ ସାଧବପୁଅମାନେ ଗଭୀର ସମୁଦ୍ରରେ ବେପାରବଣିଜ ପାଇଁ ବୋଇତରେ ଦୂରଦେଶକୁ ଯାତ୍ରା କରୁଥିଲେ ଏବଂ ଅସୁମାରୀ ମୂଲ୍ୟବାନ ଧନରତ୍ନ ସହ ନିଜଦେଶକୁ ଫେରିବାପରେ ଧନଧାନ୍ୟରେ ପୂରିଉଠୁଥିଲା ଉତ୍କଳ ।

ବେଶ୍ ଗୌରବମୟ ଆମ ଅତୀତ ଉତ୍କଳର ନୌବାଣିଜ୍ୟ ପରମ୍ପରା । ପ୍ରାଚୀନ କଳିଙ୍ଗର ଏହି ନୌବାଣିଜ୍ୟ ଆମ ଓଡ଼ିଆ ସଂସ୍କୃତି ଓ ସମାଜକୁ ବହୁଭାବେ ପ୍ରଭାବିତ କରିଆସିଛି । ସାଧବପୁଅର ଦୁଃସାହସିକ ଜଳଯାତ୍ରା କେବଳ ତଅପୋଇ ଲୋକକଥା କାହାଣୀରେ ସୀମିତ ହୋଇ ନାହିଁ, ଏହାର ଇତିହାସ ଯେ କେତେ ସମୃଦ୍ଧ ତାହା କଟକ ନୌବାଣିଜ୍ୟ ସଂଗ୍ରହାଳୟରେ ଅନେକ ପ୍ରତିଲିପିରୁ ବୁଝିହୋଇଯାଏ । ପୁଣି ଅନେକ ଗାତ୍ରରେ, ଶିଳାଲିପିରେ ଆମ ନୌବାଣିଜ୍ୟ ଚିତ୍ରର ପ୍ରତିଛବି ସହ ପୁରୀ ଜଗନ୍ନାଥ ମନ୍ଦିର ଭୋଗମଣ୍ଡପରେ ବୋଇତର ଚିତ୍ର ଆମ ନୌବାଣିଜ୍ୟର ସମୃଦ୍ଧ ପରମ୍ପରାକୁ ସୂଚିତ କରେ ।

ଧର୍ମମାସ କାର୍ତ୍ତିକର ଶେଷଦିନଟି କାର୍ତ୍ତିକ ପୂର୍ଣ୍ଣିମା । କାର୍ତ୍ତିକ ପୂର୍ଣ୍ଣିମାର ଉତ୍ସବ ଏକାଦଶୀରୁ ଆରମ୍ଭ ହୋଇ ପୂର୍ଣ୍ଣିମାଦିନ ଶେଷ ହୋଇଥାଏ । ଏହି ପାଂଚଦିନର ଉତ୍ସବକୁ ପଂଚୁକ ବୋଲି କହନ୍ତି । ଏହି ପାଂଚଦିନ ବର୍ଷର ସବୁଠାରୁ ପବିତ୍ରଦିନ ବୋଲି ବିଶ୍ୱାସ କରାଯାଏ । କାର୍ତ୍ତିକ ପୂର୍ଣ୍ଣିମାଦିନ ଗୋପୀ ଓ କୃଷ୍ଣଙ୍କ ରାସୋତ୍ସବ ପାଳନ କରାଯାଏ । ତେଣୁ ଏହାକୁ ମଧ୍ୟ ରାସପୂର୍ଣ୍ଣିମା କହନ୍ତି । କାର୍ତ୍ତିକମାସରେ ଓଡ଼ିଶାବାସୀମାନେ ଆମିଷ ତଥା ପିଆଜରସୁଣଯୁକ୍ତ ଖାଦ୍ୟ ବାରଣକରି କେବଳ ସାତ୍ୱିକ ଭୋଜନ କରିଥାନ୍ତି । ଏହି ସମୟରେ ଭକ୍ତମାନେ ଦିନରେ ଥରେମାତ୍ର ଆହାର ଗ୍ରହଣକରି ଉପବାସ କରିଥାନ୍ତି, ଯାହାକୁ ହବିଷ କୁହାଯାଏ । ଏହିଦିନ କାର୍ତ୍ତିକେୟଙ୍କ ପୂଜା ଅନୁଷ୍ଠିତ ହୁଏ । ଅତ୍ୟାଚାରୀ ତାରକାସୁରକୁ ବିନାଶ କରିବାପାଇଁ କାର୍ତ୍ତିକେୟ ରାସପୂର୍ଣ୍ଣିମା ଦିନ ଆବିର୍ଭୂତ ହୋଇଥିଲେ । ତୁଳସୀ ବୃନ୍ଦାବତୀଙ୍କର ମଧ୍ୟ ଏହିଦିନ ଜନ୍ମ ହୋଇଥିଲା ।

ପ୍ରାଚୀନକାଳରେ ଓଡ଼ିଶାର ସାଧବପୁଅମାନେ ଏହିଦିନ ବୋଇତରେ ଇଣ୍ଡୋନେସିଆ, ଶ୍ରୀଲଙ୍କା, ଥାଇଲାଣ୍ଡ, ଜାଭା, ସୁମାତ୍ରା, ଶ୍ୟାମ, ସିଂହଳ, ବାଲିଦ୍ୱୀପ, ମାଲେସିଆ ଓ ବୋର୍ଣ୍ଣିଓ ଭଳି ଦୂରଦେଶକୁ ବାଣିଜ୍ୟ ବ୍ୟବସାୟ ପାଇଁ ଯାତ୍ରାକରି ବହୁ ଧନରତ୍ନ ସହ ସେମାନଙ୍କର ସମ୍ପଦକୁ । ତାହାକୁ ମନେପକାଇବା ପାଇଁ କାର୍ତ୍ତିକ ପୂର୍ଣ୍ଣିମାଦିନ ଆବାଳବୃଦ୍ଧବନିତା ପ୍ରଭାତରୁ ଉଠି ଜଳାଶୟରେ ପବିତ୍ର ସ୍ନାନ କରନ୍ତି, ଯାହାକୁ କାର୍ତ୍ତିକବୁଡ଼ ବା କାର୍ତ୍ତିକସ୍ନାନ ମଧ୍ୟ କହନ୍ତି ।

ପୂର୍ବପୁରୁଷଙ୍କର ଏହି ପରମ୍ପରାର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପ୍ରତିବର୍ଷ କଟକ ସହରର ଗଡ଼ଗଡ଼ିଆ ଘାଟର ବିସ୍ତୃତ ପଡ଼ିଆରେ ମେଳା ଜମେ । ଏହାକୁ 'ବାଲିଯାତ୍ରା' କହନ୍ତି । ପ୍ରତିବର୍ଷ ବାଲିଯାତ୍ରାରେ ଦେଖିବାକୁ ମିଳେ ବୋଇତବନ୍ଦାଣ ଉତ୍ସବ । କିମ୍ବଦନ୍ତୀ କୁହେ, ବୈଷ୍ଣବ ଧର୍ମ ପ୍ରବର୍ତ୍ତକ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରକୁ ଆଗମନ କରିବାବାଟରେ ୧୫୦୯ମସିହା କାର୍ତ୍ତିକ ପୂର୍ଣ୍ଣିମାଦିନ ପ୍ରଥମେ ଗଡ଼ଗଡ଼ିଆ ଘାଟଠାରୁ ଏହି ବାଲିରେ ଚାଲିଚାଲି ଯାତ୍ରା ଆରମ୍ଭ କରିଥିଲେ । ବାଲିରେ ଚୈତନ୍ୟ ମହାପ୍ରଭୁଙ୍କ ଯାତ୍ରା ଅନୁଯାୟୀ ଏହା ବାଲିଯାତ୍ରା ନାମରେ ନାମିତ ହୋଇଛି । ଖାଲି ସେତିକିନୁହେଁ, ତଅପୋଇ କିମ୍ବଦନ୍ତୀରେ ମଧ୍ୟ ସାଧବପୁଅଙ୍କ ଗାଥା ଶୁଣିବାକୁ ମିଳିଥାଏ । ଯାହା ଆଜି ବି ଖୁଦୁରୁକୁଣୀ ଓଷା ଗୀତରେ ଝିଅବୋହୂମାନେ ଗାଇଥାନ୍ତି ଓ ଶୁଣିଥାନ୍ତି ।

କାର୍ତ୍ତିକ ମାସରେ ଭକ୍ତମାନେ ଜଳରେ ବୁଡ଼ି ଦାମୋଦର ବିଗ୍ରହ ଚିନ୍ତନ କରିବାଦ୍ୱାରା ସମସ୍ତ ପାପ ନାଶହୁଏ ବୋଲି ଶ୍ରୀମନ୍ଦିର ସମାଚାରରେ ଉଲ୍ଲେଖ ଅଛି । ଅକ୍ରୁର ମଥୁରାକୁ ଗଲାବେଳେ ଯମୁନାରେ ସ୍ନାନ ସମୟରେ କୃଷ୍ଣଙ୍କୁ ଏହି ଦାମୋଦର ରୂପରେ ଦେଖିଥିଲେ । ଦାମୋଦରଙ୍କ ପରେ ରାଧାଙ୍କ ପ୍ରାର୍ଥନାବିଧି ମଧ୍ୟ କରାଯାଏ । ଏହି 'ରାଇ-ଦାମୋଦର' ବ୍ରତ ମୂଳରେ ଏକ ସୁନ୍ଦର ପୌରାଣିକ କାହାଣୀ ରହିଛି । ଜଗନ୍ନାଥ ମହାପ୍ରଭୁ ବଡ଼ପଣ୍ଡାଙ୍କ ଘରକୁ ପିତୃଶ୍ରାଦ୍ଧରେ ନିମନ୍ତ୍ରଣ ପାଇ ଯାଇଥିଲେ । ବ୍ରାହ୍ମଣୀ ଗଙ୍ଗାଜଳରେ ପାଦଧୌତ କରିଦେଲେ । ଭୋଜନ ଶେଷରେ ନାରାୟଣ ଦିବ୍ୟପଲଙ୍କ ପରେ ବିଜେ ହୋଇଛନ୍ତି, ଆଲଟ ଚାମର ପଡୁଛି । ଷୋଡ଼ଶୋପଚାର ନୈବେଦ୍ୟ ଓ ପାନବିଡ଼ିଆ ଶେଷହେଲା । ପ୍ରଭୁ ଦାମୋଦର ବଡ଼ପଣ୍ଡାଙ୍କୁ ବର ମାଗିବାକୁ କହିଲେ । ବଡ଼ପଣ୍ଡା ହାତଯୋଡ଼ି କହିଲେ, 'ହେ କମଳାକାନ୍ତ, ମୋର ଏକମାତ୍ର କନ୍ୟାକୁ ଆପଣ ଗ୍ରହଣ କରନ୍ତୁ ।' ରାଇଙ୍କର ବିବାହ ସମ୍ପନ୍ନ ହେଲା । କିଛିଦିନ ପରେ ରାଇକନ୍ୟା ଗର୍ଭବତୀ ହେଲେ । ଏଣୁ କମଳାଙ୍କ ଭୟରେ-

"ଶ୍ୱଶୁରଙ୍କୁ ପ୍ରଭୁ ବୋଲନ୍ତି ତହିଁ, ରାଇକି ଯେବେ ମୁଁ ଘେନି ଯିବଇଁ
ଅତି ଦୁଷ୍ଟ ଅଟେ ସିନ୍ଧୁ ତନୟୀ, ଏହିଠାରେ ଥାଉ ରାଇ ଯେ ତହିଁ
ଜନ୍ମ ହୋଇବ ଏକଇ ନନ୍ଦନ, ମକରଧ୍ୱଜ ନାମ ହେବ ଜାଣ ।"

ରାଇ ଏହିଠାରେ ରହିବ । ତା'ର ପୁଅଟିଏ ହେବ । ତୁମେ ସେ ପୁଅଟିର ନାମଦେବ 'ମକରଧ୍ୱଜ' । ଏହାପରେ ପ୍ରଭୁ 'ରାଇ' କନ୍ୟାକୁ ତା'ର ମନସ୍କାମନା କ'ଣ ବୋଲି ପଚାରିବାରୁ ସେ ଉତରଦେଲେ-

"ତୁମ୍ଭ କୋଳେ ବସି ଘେନିବି ପୂଜା, କଦଳୀ ନଡ଼ିଆ ଯେ ମୁଗଭଜା,
ସିନ୍ଧୁକୂଳେ ବସି ଘେନିବି ପୂଜା, ସନ୍ତୋଷେ ପୂଜିବି ଦେବାଧିରାଜା ।"

ମହାପ୍ରଭୁ ଏଥିରେ ଶଙ୍କିତ ହୋଇ କହିଲେ, "ଲକ୍ଷ୍ମୀଙ୍କୁ ସେବାକରି ତାଙ୍କଠାରୁ ଏ ବର ମାଗିଆଣ ।" ରାଇକନ୍ୟା ଲକ୍ଷ୍ମୀଙ୍କ ସେବା କରିବାରୁ ଲକ୍ଷ୍ମୀ ସନ୍ତୁଷ୍ଟହୋଇ ବର ଯାଚିଲେ । ସେ ଦାମୋଦରଙ୍କୁ ମାଗିଲେ । ମାତ୍ର ଲକ୍ଷ୍ମୀ ଦାମୋଦରଙ୍କୁ ଦେଇପାରିବେ ନାହିଁ ବୋଲି କହିବାରୁ ରାଇ କହିଲେ ସମ୍ପୂର୍ଣ୍ଣ ନ ଦେଲେ ନାହିଁ, କାର୍ତ୍ତିକ ମାସଟି ଦିଅନ୍ତୁ । କିନ୍ତୁ ଲକ୍ଷ୍ମୀ ରାଇଙ୍କୁ ପଚିଶଦିନ ପର୍ଯ୍ୟନ୍ତ ଦେବାପାଇଁ ରାଜିହେଲେ ଓ ଶେଷ ପାଂଚଦିନ ପ୍ରଭୁଙ୍କୁ ତାଙ୍କୁ ଦେବାକୁ କହିଲେ । ସେହିଦିନରୁ ରାଇ କାର୍ତ୍ତିକ ମାସରେ ପଚିଶଦିନ ଦାମୋଦରଙ୍କ ସହ ପୂଜା ପାଇଲେ । ଅବଶିଷ୍ଟ ପାଂଚଦିନ ନାରାୟଣଙ୍କ ସହ ଲକ୍ଷ୍ମୀ ପୂଜା ପାଇଲେ । ଜଗନ୍ନାଥ ଏଠାରେ କୃଷ୍ଣ, ରାଇ 'ରାଧା'ଙ୍କର ଏକ ରୂପ ।

ଚାନ୍ଦ୍ରାୟଣ ବ୍ରତର ସମାପ୍ତି ମଧ୍ୟ ଏହିଦିନ ହୁଏ । ଏହି ମାସରେ ଜଗନ୍ନାଥଙ୍କ ବିଭିନ୍ନ ବେଶ ହୋଇଥାଏ । ରାଧା-ଦାମୋଦର ବେଶ ପ୍ରତିବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ହୁଏ । ତୁଳସୀବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତିସହକାରେ ଆରାଧନା କରାଯାଇଥାଏ । ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ କୃତ୍ୟର ଆଉ ଏକ ମହତ୍ୱପୂର୍ଣ୍ଣ ଅବଦାନ । ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମପଥକୁ ଆଲୋକିତ କରିବାପାଇଁ ଉଚ୍ଚସ୍ଥାନରେ ଏହି ପ୍ରଦୀପ ଜ୍ୱଳନବିଧି ପ୍ରଚଳିତ । ଏହି ମାସରେ ବିଷ୍ଣୁ, ଚାରିବେଦ, ବେଦର ମନ୍ତ୍ର ଏବଂ ସମସ୍ତ ତୀର୍ଥ ଆଦି ଜଳରେ ରହିଥିବାରୁ ପ୍ରଭାତ ସମୟରେ ସ୍ନାନକରି ସୂର୍ଯ୍ୟଙ୍କୁ ଜଳତର୍ପଣ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ।

କାର୍ତ୍ତିକ ପୂର୍ଣ୍ଣିମାକୁ 'ଦେବଦୀପାବଳି' ଭାବେ ମଧ୍ୟ ପାଳନ କରାଯାଏ । କଥିତଅଛି, ଥରେ ତ୍ରିପୁରାସୁର ନାମକ ରାକ୍ଷସ ଦେବତାମାନଙ୍କୁ ପରାସ୍ତକରି ତିନିଲୋକର ତିନିଦୁର୍ଗରେ ନିଜର ଆଧିପତ୍ୟ ବିସ୍ତାର କରିଥିଲା । ଦେବତାମାନଙ୍କୁ ତ୍ରିପୁରାସୁରର ଅତ୍ୟାଚାରରୁ ରକ୍ଷାକରିବା ପାଇଁ ଭଗବାନ ଶିବ ପ୍ରକଟ ହୋଇଥିଲେ ଏବଂ ତାକୁ ତୀର ସାହାଯ୍ୟରେ ବଧ କରିଥିଲେ । ତେଣୁ ଏହିଦିନକୁ ଭଗବାନ ଶିବ ଆଲୋକର ପର୍ବ ତଥା 'ଦେବଦୀପାବଳି' ଭାବେ ପାଳନ କରିବାକୁ ଅନୁମତି ଦେଇଥିଲେ । ବିଜ୍ଞାନ ଦୃଷ୍ଟିକୋଣରୁ ବର୍ଷାଋତୁ ପରେ କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ । ବର୍ଷାଋତୁରେ ଅନେକ ବିଷାକ୍ତ କୀଟପତଙ୍ଗ ଜନ୍ମ ହୋଇଥାନ୍ତି । ଆମେ ଯେଉଁ ଜୀବମାନଙ୍କୁ ଆମିଷରୂପେ ଗ୍ରହଣକରୁ, ପ୍ରକୃତରେ ସେମାନେ ସେହି ବିଷାକ୍ତ କୀଟପତଙ୍ଗ ଖାଉଥିବାରୁ ବିଷାକ୍ତଅଂଶ ସେମାନଙ୍କ ଶରୀରରେ ମଧ୍ୟ ଉପସ୍ଥିତ ଥାଏ । ତେବେ ବର୍ଷାଋତୁ ପରେ ୧-୨ମାସ ଆମିଷ ଖାଇବା ଉଚିତ୍ ନୁହେଁ । ତେଣୁ ପୌରାଣିକ ଓ ବୈଜ୍ଞାନିକ ଉଭୟ ଦୃଷ୍ଟିରୁ କାର୍ତ୍ତିକ ପବିତ୍ରତମ ମାସ ।

*ଖଇରା, କସର୍ଦା, କଟକ*
*ଫୋନ୍: ୮୯୧୭୬୯୦୮୪୯*

